# କଳିଙ୍ଗ

# The Kalinga

## ଅର୍ଦ୍ଧ ବାର୍ଷିକ ସମାଚାର ପତ୍ରିକା




### କୃଷି ବିଜ୍ଞାନ କେନ୍ଦ୍ର, କନ୍ଧମାଳ
### ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ

ଅଷ୍ଟଦଶ ବର୍ଷ | ଜୁଲାଇ ରୁ ଡିସେମ୍ବର- ୨୦୨୩ | ଦ୍ୱିତୀୟ ସଂଖ୍ୟା

## ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟଙ୍କ କଲମରୁ ......



କୃଷି ବିଜ୍ଞାନ କେନ୍ଦ୍ର, କନ୍ଧମାଳ କୃଷକ କୃଷିଜିବି ମହିଳା ଓ କୃଷି କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ କୃଷି ଭିତିକ ତାଲିମ କାର୍ଯ୍ୟକ୍ରମ, ଆଗଧାଡ଼ି କ୍ଷେତ୍ର ପ୍ରଦର୍ଶନ, କୃଷକ ମାନଙ୍କ ମେଳରେ ପରୀକ୍ଷଣ ମାଧ୍ୟମରେ ଜ୍ଞାନ କୌଶଳର ପ୍ରଚାର ଓ ପ୍ରସାର କରିଥାଏ। ଆଗାମୀ ଦିନରେ କୃଷି କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ଏହି ପତ୍ରିକାର ପ୍ରକାଶ ଏକ ମୁଖ୍ୟ ଭୂମିକା ଗ୍ରହଣ କରୁଥିବାରୁ ମୁଁ ଅତ୍ୟନ୍ତ ଆନନ୍ଦିତ।

ଏହି ଶୁଭ ଅବସରରେ ମୁଁ ମୋର କୃଷି ବିଜ୍ଞାନ କେନ୍ଦ୍ରର ସମସ୍ତ ବୈଜ୍ଞାନିକ, ସହକର୍ମୀ ଓ ପତ୍ରିକାରେ ପ୍ରତ୍ୟେକ୍ଷ ଓ ପରୋକ୍ଷ ଭାବରେ ଜଡିତ ସମସ୍ତ କର୍ମଚାରୀମାନଙ୍କୁ ସେମାନଙ୍କର ଅକ୍ଳାନ୍ତ ପରିଶ୍ରମ ଓ ପ୍ରଚେଷ୍ଟା ପାଇଁ କୃତଜ୍ଞତା ଜଣାଇବା ସହ ଭବିଷ୍ୟତରେ ଏହାର ଉନ୍ନତି ପାଇଁ ଠାକୁରଙ୍କ ନିକଟରେ ପ୍ରାର୍ଥନା କରୁଛି।

## ଆମ କୃଷି ବିଜ୍ଞାନ କେନ୍ଦ୍ର... ...

କୃଷି ବିଜ୍ଞାନ କେନ୍ଦ୍ର ୧୯୯୩ ମସିହାରେ କନ୍ଧମାଳ ଜିଲ୍ଲା ଅନ୍ତର୍ଗତ ଘୁ.ଉଦୟଗିରି ବ୍ଲକରେ ପ୍ରତିଷ୍ଠା ହୋଇଥିଲା। କୃଷି ବିଧ୍ୟାନକନ୍ଦ୍ର ପ୍ରତ୍ୟକ ବର୍ଷ ନିଜର କାର୍ଯ୍ୟପନ୍ଥାକୁ ନିର୍ଦ୍ଧାରିତ କରିବା ନିମନ୍ତେ, ଜିଲ୍ଲାରେ ଥିବା କୃଷି ସମ୍ବନ୍ଧୀୟ ସମ୍ବଳ, ଦୁର୍ବଳତା, ସଂଭାବନା ଏବଂ ଆହ୍ୱାନ ଗୁଡ଼ିକୁ ପ୍ରାଞ୍ଜଳ ଭାବେ ଅଧ୍ୟନ ତଥା ଅନୁଶୀଳନ କରେ। କୃଷି ବିଜ୍ଞାନ କେନ୍ଦ୍ର, କନ୍ଧମାଲ ଜିଲ୍ଲାରେ ଜୈବିକ କୃଷି, ବିଭିନ୍ନ ଫସଲ ଉତ୍ପାଦନର ବୈଜ୍ଞାନିକ ପ୍ରଣାଳୀ, ବିଭିନ ଫସଲର ଉନ୍ନତ କିଷମର ଚୟନ, ଫସଲର ରୋଗ ଓ ପୋକ ନିୟନ୍ତ୍ରଣ, ମୃତ୍ତିକା ସ୍ୱାସ୍ଥ୍ୟ ବର୍ଦ୍ଧନ ଏବଂ ଆନୁସାଙ୍ଗିକ କୃଷି ଯଥା ଛତୁ ଚାଷ, ମହୁମାଛି ପାଳନ, ଲାଖ ଚାଷ, ଗୋପାଳନ, ଛେଳି ପାଳନ, ଉନ୍ନତ ପ୍ରଜାତିର କୁକୁଡ଼ା ପାଳନ ତଥା କୃଷିଜାତ ଦ୍ରବ୍ୟ ଗୁଡ଼ିକରୁ ମୂଲ୍ୟଯୁକ୍ତ ଉତ୍ପାଦ ପ୍ରସ୍ତୁତି ଆଦି ବିଭିନ୍ନ ଉନ୍ନତ ଦିଗ ଗୁଡ଼ିକ ଉପରେ ସଂପ୍ରସାରଣ ଏବଂ ଧନ୍ଦା ମୂଳକ ତାଲିମ୍ ପ୍ରଦାନ କରି ଆସୁଅଛି। କେନ୍ଦ୍ର ନିଜ ଚାଷ ଉପଯୋଗୀ ଜମିରେ ହଳଦୀ, ଅଳସୀ, ଧାନ, ସୋରିଷ ଆଦିର ଉନ୍ନତ କିସମ ବିହନ ଉତ୍ପାଦନ ପ୍ରଦର୍ଶନ ତଥା ପଲିଥିନ୍ ଆଚ୍ଛାଦିତ ପରିବା ଚାଷ, କଲମି କରାଯାଇଥିବା ବାଇଗଣ ଏବଂ କ୍ୟାପ୍ସିକମ୍ ଚାଷ ଆଦି କରି ଜମିକୁ ଭରପୁର ରଖାଯାଇଛି। ଏହା ଛଡ଼ା କେନ୍ଦ୍ର ନିଜ ପରିସର ମଧ୍ୟରେ ଜୈବିକ କୃଷି ଉତ୍ପାଦନ, ଆଜୋଲା ଚାଷ, କୁକୁଡ଼ା ପାଳନ, କୃଷି ଯନ୍ତ୍ରପାତି ଗୃହ, ବିହନ ସଂଗ୍ରହ ଗୃହ, ଛତୁ ମଞ୍ଜି ଉତ୍ପାଦନ ଗୃହ, ଛତୁ ଚାଷ, ମୃତ୍ତିକା ପରୀକ୍ଷାଗାର, ରଙ୍ଗିନ୍ ମାଛ, ଉନ୍ନତ କିସମର ଲଗାଯାଇଥିବା କଦଳୀ ବଗିଚା ଫୁଲ ବଗୀଚା, ଔଷଧୀୟ ବୃକ୍ଷ ବଗିଚା ତଥା ଚାରା ପ୍ରସ୍ତୁତି ପାଇଁ ପଲିଥିନ୍ ଓ ଛାୟା ଗୃହ ଆଦିର ପ୍ରଦର୍ଶନ ଏକକ ମଧ୍ୟ ସ୍ଥାପନ କରିଛି।